# India-Turkmenistan Foreign Office Consultations

January 13, 2021

## ଭାରତ-ତୁର୍କମେନିସ୍ତାନ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

ଜାନୁଆରୀ 13, 2021

ଭାରତ ଓ ତୁର୍କମେନିସ୍ତାନ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷର ଚତୁର୍ଥ ପର୍ଯ୍ୟାୟ 13 ଜାନୁଆରୀ 2021 ରେ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀ ବିକାଶ ସ୍ୱରୂପ ଭାରତୀୟ ପକ୍ଷର ନେତୃତ୍ୱ ନେଇଥିବାବେଳେ ତୁର୍କମେନିସ୍ତାନ ପକ୍ଷର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ଭେପା ହାଜିୟେଭ ନେଇଥିଲେ।

ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟିକ, ପ୍ରତିରକ୍ଷା, ବୈଜ୍ଞାନିକ, ସାଂସ୍କୃତିକ, ଶିକ୍ଷା ଏବଂ ଦୂତାବାସ ସମ୍ବନ୍ଧୀୟ ସହଯୋଗ ସମେତ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିବା ପାଇଁ ଏହି ବିଚାର ବିମର୍ଷ ଏକ ସୁଯୋଗ ପ୍ରଦାନ କରିଥିଲା।

ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ ଏବଂ ମିଳିତ ଜାତିସଂଘ ଓ ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଥିଲେ।

ବନ୍ଧୁତ୍ୱପୂର୍ଣ୍ଣ ଓ ଆନ୍ତରିକ ବାତାବରଣ ମଧ୍ୟରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ପାରସ୍ପରିକ ସୁବିଧାଜନକ ତାରିଖରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷର ପଞ୍ଚମ ପର୍ଯ୍ୟାୟ ଆୟୋଜନ କରିବାକୁ ସହମତି ହୋଇଥିଲା।

ନୂଆଦିଲ୍ଲୀ

ଜାନୁଆରୀ 13, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.